## ପ୍ରଥମ ପୃଷ୍ଠାରୁ...

### ଅପରେସନ୍ ଅଲ୍‌ଆଉଟ

ଆରମ୍ଭ ହୋଇଛି । ସେହିଭଳି ଆତଙ୍କବାଦୀଙ୍କ କଥାରେ ପ୍ରଭାବିତ ହୋଇ ଆତଙ୍କବାଦର ପଥ ଅବଲମ୍ବନ କରିଥିବା କାଶ୍ମୀର ଯୁବପୀଢ଼ିକୁ ସୁରକ୍ଷାବାହିନୀ ପୁନଃ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଉଦ୍ୟମ କରୁଛି ।

**୫ ମାସରେ ୧୫୦ ଯୁବକ ନିଖୋଜ :**

ଅନ୍ୟପଟେ ବିଶେଷ ସୂତ୍ରରୁ ମିଳିଥିବା ସୂଚନାନୁସାରେ ବିଗତ ୫ ମାସ ମଧ୍ୟରେ ଜାମ୍ମୁ-କାଶ୍ମୀରର ବିଭିନ୍ନ ଗ୍ରାମରୁ ପ୍ରାୟ ୧୫୦ ଜଣ ଯୁବକ ନିଖୋଜ ଅଛନ୍ତି । କାଶ୍ମୀର ଘାଟିରୁ ଅଧିକ ସଂଖ୍ୟକ ଯୁବକ ନିଖୋଜ ଥିବା ଗୁଇନ୍ଦା ବିଭାଗ ରିପୋର୍ଟ ପ୍ରଦାନ କରିଛି । ଆତଙ୍କବାଦୀମାନେ ଏମାନଙ୍କୁ ଉସ୍‌କାଇ ସେମାନଙ୍କ ଦଳରେ ସାମିଲ କରିନେଇଥିବା ଆଶଙ୍କା କରାଯାଉଛି । ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ ୧୫୦ ନିଖୋଜ ଯୁବକଙ୍କ ମଧ୍ୟରୁ କେବଳ ୬୦-୭୦ ଜଣଙ୍କ ପରିବାର ଲୋକେ ଥାନାରେ ମାମଲା ରୁଜୁ କରିଛନ୍ତି । ତେବେ ନିଖୋଜ ଯୁବକମାନେ କେଉଁଠାରେ ଅଛନ୍ତି ତାହା ନିଖୋଜ ମାମଲା ରୁଜୁ କରିନଥିବା ପରିବାର ଲୋକ ଜାଣନ୍ତି ବୋଲି ସୁରକ୍ଷାବାହିନୀ ସନ୍ଦେହ କରୁଛି । ଏଣୁ ଏହି ପରିବାରଗୁଡ଼ିକ ସହିତ ଯୋଗାଯୋଗ କରି ଭାବାତ୍ମକ ଆଲୋଚନା ଦ୍ୱାରା ସେମାନଙ୍କ ଠାରୁ ସୂଚନା ହାସଲ କରିବାକୁ ସୁରକ୍ଷାବାହିନୀ ଉଦ୍ୟମ କରୁଛି ।

**ପ୍ରତି ଗ୍ରାମରୁ ୨ ଜଣ ଯୁବକଙ୍କୁ ଆତଙ୍କବାଦରେ ସାମିଲ୍ କରିବାର ଷଡ଼ଯନ୍ତ୍ର :** ସୁରକ୍ଷାବାହିନୀର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ ଏନକାଉଣ୍ଟରେ ନିହତ ଆତଙ୍କବାଦୀଙ୍କୁ କବର ଦିଆଯିବା ମଧ୍ୟରେ ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କ ଗ୍ରାମରେ ପହଞ୍ଚି ମୃତ ଆତଙ୍କବାଦୀକୁ ସମ୍ମାନ ଦେବାର ଅଭିନୟ କରୁଛନ୍ତି । ଏଥିନିମନ୍ତେ ସେମାନେ ଗ୍ରାମର ସାର୍ବଜନିକ ସଭା ଡକାଇ ଆଖିବୁଜା ଗୁଳିମାଡ଼ କରିଥାଆନ୍ତି । ପରେ ଗ୍ରାମର ୨ ଜଣ ଯୁବକଙ୍କୁ ଆତଙ୍କବାଦରେ ସାମିଲ୍ ହେବା ନିମନ୍ତେ ସେମାନଙ୍କ ସହ ପଠାଇବାକୁ ଭୟଭୀତ ଗ୍ରାମବାସୀଙ୍କ ଉପରେ ଚାପ ପକାନ୍ତି । ଏଭଳି ଅନେକ ଉଦ୍ୟମରେ ଆତଙ୍କବାଦୀ ସଂଗଠନଗୁଡ଼ିକ ସଫଳ ହୋଇଛନ୍ତି ।

**ଅନୁପ୍ରବେଶର ରାସ୍ତା :** ଭାରତରେ ଆତଙ୍କବାଦଙ୍କୁ ଅନୁପ୍ରବେଶ କରାଇବା ନିମନ୍ତେ ପାକିସ୍ତାନ ୧୦ଟି ଲଞ୍ଚିଂ ପ୍ୟାଡ୍ ପ୍ରସ୍ତୁତ କରିଛି । ଗୁରେଜ ସେକ୍ଟରୁ ୨୦ ଣ, ମାଛିଲ ସେକ୍ଟରରୁ ୫୦ ଜଣ, କୈରାନ ସେକ୍ଟରରୁ ୫୫, ତଙ୍ଗଧାରରୁ ଲସ୍କର-ଇ-ତୋଏବା ଏବଂ ଜୈସ-ଇ-ମହମ୍ମଦର ୬୫, ନୌଗାମରୁ ୭ ଜଣ, ଉରି ସେକ୍ଟରରୁ ୫୦, ପୁଞ୍ଚରୁ ୩୫, ଭୀମ୍ବରରୁ ୧୨୦, ନୌସେରାରୁ ୩୦ ଏବଂ ରାମପୁରୁର ୩ ଜଣ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଥିବା ସୂଚନା ମିଳିଛି ।

### ବିଚ୍ଛିନ୍ନତାବାଦୀ ନେତା ....

ଗିରଫ କରାଯାଇ କୋଂଇବାଗ ପୁଲିସଥାନା ନିଆଯାଇଛି ଓ ତେବେ ହୁରିୟତ କନଫରେନ୍ସ ନେତା ମିର ଓ୍ୱେଜ ଉମର ଫାରୁକଙ୍କୁ ତାଙ୍କ ବାସଭବନ 'ନୀଗିନ ରେସିଡେନ୍ସ'ରେ ଗୃହବନ୍ଦୀ କରି ରଖାଯାଇଛି । ହୁରିୟତ କନଫରେନ୍ସର ଅଧ୍ୟକ୍ଷ ସୟଦ ଅଲ୍ଲୀ ଶାହା ଗିଳାନୀଙ୍କୁ ପୂର୍ବରୁ ଗୃହବନ୍ଦୀ କରାଯାଇଛି । ଜାମ୍ମୁ-କାଶ୍ମୀରରେ ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧ ପ୍ରଦର୍ଶନକୁ ଅଟକାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି

### ନକ୍ସଲଙ୍କ ବର୍ବର କାଣ୍ଡ ...

ଥାନା ଅଧିନରେ ଘଟିଛି ଏହି ଘଟଣା । ମୃତକ ଜଣକ ହେଲେ ସୁଦ୍ଧାକୋଣ୍ଡା ଗ୍ରାମର ଗଙ୍ଗା ମାଡ଼କାମୀ । ଗତକାଲି ବିଳମ୍ବିତ ରାତିରେ ୧୦ରୁ ୧୫ ଜଣ ନକ୍ସଲ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସୁଦ୍ଧାକୋଣ୍ଡା ଗ୍ରାମକୁ ଆସିଥିଲେ । ଏହାପରେ ସେମାନେ ଗଙ୍ଗାଙ୍କ ଘରକୁ ଯାଇ ତାଙ୍କୁ ଡାକିନେଇଥିଲେ । ଘରଠାରୁ ପ୍ରାୟ ୧୦୦ ମିଟର ଦୂରରେ ଥିବା ଏକ ମଶାଣିକୁ ନେଇ ସେଠାରେ ଗଙ୍ଗାଙ୍କ ଛାତି ଓ କାନମୁଣ୍ଡାକୁ ଗୁଳି କରି ହତ୍ୟା କରିଥିଲେ । ଘଟଣାସ୍ଥଳରେ ନକ୍ସଲମାନେ ଏକ ଚିଠି ଛାଡି ଯାଇଛନ୍ତି । ତଳେ ସେକ୍ରେଟେରୀ ସିପିଆଇ (ମାଓବାଦୀ) ବୋଲି ଲେଖାଯାଇଛି । ନକ୍ସଲଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବାରୁ ଗଙ୍ଗାଙ୍କୁ ହତ୍ୟା କରାଗଲା ବୋଲି ସେଥିରେ ଉଲ୍ଲେଖ ରହିଛି । ପୋଲିସକୁ ସୂଚନା ଦେଲେ ଏଭଳି ଦଣ୍ଡ ଦିଆଯିବ ବୋଲି ଚିଠିରେ ଚେତାବନୀ ଦିଆଯାଇଛି ।

### ସାତକୋଶିଆରେ ...

ପୁରୁଷ ବାଘର ବୟସ ୩ ବର୍ଷର କମ୍ । ସାତକୋଶିଆରେ ପୂର୍ବରୁ ଗୋଟିଏ ବାଘୁଣୀ ଥିଲା । ଉକ୍ତ ମହାବଳ ବାଘକୁ ଗୁରୁବାର ରାତିରେ ସାତକୋଶିଆ ବନଖଣ୍ଡର ରାଇଗୁଡ଼ ରେଞ୍ଜରେ ଛଡ଼ାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ମହାବଳ ବାଘକୁ ଅଣାଯିବାର ଯୋଜନା କରାଯାଉଛି । ଏହି ପରି ୩ ଦମ୍ପତି ମହାବଳ ବାଘକୁ ଉକ୍ତ ଅଭୟାରଣ୍ୟରେ ଛଡ଼ାଯାଇ ସେମାନଙ୍କ ବଂଶବିସ୍ତାର କରାଯିବାକୁ ଉଦ୍ୟମ କରାଯାଉଛି । ତେବେ ବାଘଟିକୁ ଅଭୟାରଣ୍ୟରେ ଛଡ଼ା ଯିବାପୂର୍ବରୁ ତାର ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଠାରେ ବରାହ ଓ ଅନ୍ୟାନ୍ୟ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟାବୃଦ୍ଧି ଓ ଶିକାରୀଙ୍କ ଦୌରାତ୍ମ୍ୟକୁ ଦୃଷ୍ଟିରେ ରଖି ଏଠାକୁ ବାଘ ଅଣାଯାଉଥିବା କୁହାଯାଉଛି । ତେବେ ପ୍ରୋଜେକ୍ଟ ଅଞ୍ଚଳରେ ଥିବା ବସ୍ତିବାସନ୍ଦାଙ୍କୁ ହଟାଯାଇଥବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଗଞ୍ଜେଇ ଓ ଦେଶୀ ମଦ ଜବତ, ୩ ଗିରଫ

କଟକ, ୨୧/୬ (ଶ୍ରୁମି) କଟକ ସହର ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚୋରାରେ ଦେଶୀ ମଦ ଓ ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଜିଲ୍ଲା ଅବକାରୀ ବିଭାଗ ଜଣେ ମହିଳାଙ୍କ ସମେତ ୨ ଜଣ ଅପରାଧୀଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତମାନେହେଲେ ଚୌଦ୍ୱାର କେଦାରେଶ୍ୱରର ସନାତନ ସ୍ୱାଇଁ, ଫକୀରପଡାର ବିଷ୍ଣୁଚରଣ ବେହେରା ଓ ଇଶାନି ବ୍ରହ୍ମପୁରର ଲକ୍ଷ୍ମୀପ୍ରିୟା ସାହୁ । ସନାତନ ନିୟମିତ ଭାବେ ଗଞ୍ଜେ ବିକ୍ରି କରିବାର ଅଭିଯୋଗକୁ ଭି କରି ଆଜି ସଦର ଇନ୍ସପେକ୍ଟର ସୀତାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଚାର୍ଜ ଅଫିସର୍ ସ୍ୱାତୀ ପଟ୍ଟନାୟକଙ୍କ ସହିତ ସଦର ମୋବାଇଲ ଏସଆଇ ପ୍ରତାପ ଘୋଷ, ହେମନ୍ତ ମଲ୍ଲିକ, ପ୍ରିୟତମା ରଥ, ରଂଜନ ଭୋଇ ପ୍ରମୁଖ ଓଟିଏମ କଲୋନୀରେ ଚଢାଉ କରି ତା'ଠାରୁ ଅଢେଇ କେଜି ଗଞ୍ଜେଇ ଜବତ କରିଥିବା ବେଳେ ରୁରାଲ ଏସଆଇ କୌଶଲ୍ୟା ଜେନା କିଶନନଗର ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ବିଷ୍ଣୁ ଓ ଲକ୍ଷ୍ମୀପ୍ରିୟାଙ୍କୁ ଗିରଫ କିରି ସେମାନଙ୍କଠାରୁ ୫୫ ବୋତଲ ଆସ୍କା ଫଟି ଜବତ କରିଥିଲେ । ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଏଆର ଇଣ୍ଡିଆର ହଜ୍ ପାଇଁ ବ୍ୟାଙ୍କକ୍ ମନା

ଚଣ୍ଡିଗଡ, ୨୧/୬(ଏଜେନ୍ସି) : ହଜ୍‌ଯାତ୍ରା ପାଇଁ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି । ମୁଖ୍ୟତଃ ଚଣ୍ଡିଗଡରୁ ବ୍ୟାଙ୍କକ ଅଭିମୁଖେ ଯାତ୍ରା କରୁଥିବା ଏଆର ଇଣ୍ଡିଆ ବିମାନକୁ ବନ୍ଦ କରାଯାଇ ଏହାକୁ ହଜ୍ ଯାତ୍ରୀଙ୍କ ପାଇଁ ବ୍ୟବହାର କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଜୁଲାଇର ୧୩ରୁ ସେପ୍ଟେମ୍ବର ଶେଷ ତାରିଖ ମଧ୍ୟରେ ଚଣ୍ଡିଗଡରୁ କୌଣସି ଏଆର ଇଣ୍ଡିଆ ବିମାନ ବ୍ୟାଙ୍କକ୍‌କୁ ଯିବ ନାହିଁ । ଯେଉଁ ବ୍ୟକ୍ତି ବିଶେଷମାନେ ପୂର୍ବରୁ ଏହି ସମୟସୀମା ମଧ୍ୟରେ ଏଆର ଇଣ୍ଡିଆ ଟିକେଟ କିଣିଛନ୍ତି ସେମାନଙ୍କୁ କମ୍ପାନୀ ପକ୍ଷରୁ ନୂଆଦିଲ୍ଲୀରୁ ବ୍ୟାଙ୍କକ୍ ଯିବାର ଟିକଟ ପ୍ରଦାନ କରାଯିବ । ହଜ୍ ପାଇଁ ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଏଆରଇଣ୍ଡିଆ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଏଆରଇଣ୍ଡିଆ ଓ୍ୱେବସାଇଟ୍‌ରେ ଏ ସମ୍ପର୍କରେ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରି ଦିଆଯାଇଛି । ହଜ୍ ପାଇଁ ସମଗ୍ର ଦେଶର ବିଭିନ୍ନ ପ୍ରାନ୍ତରରୁ ସାଉଦି ଆରବକୁ ଯାତ୍ରୀମାନେ ଯିବାକୁ ଆବେଦନ କରିଛନ୍ତି । ଚଣ୍ଡିଗଡରୁ ବ୍ୟାଙ୍କକ୍‌କୁ ସପ୍ତାହରେ ୪ଦିନ ସିଧାସଳଖ ବ୍ୟାଙ୍କକ୍ ଯାତ୍ରା କରିବାର ବ୍ୟବସ୍ଥା ଥିଲା । ତେବେ ଏତେ ସଂଖ୍ୟକ ହଜ୍ ଯାତ୍ରୀଙ୍କୁ ସାଉଦିଆରବ ପହଞ୍ଚାଇବା ଏଆରଇଣ୍ଡିଆ ଏଭଳି ଆହୁରି କିଛି ସାପ୍ତାହିକ ଉଡାଣକୁ ବାତିଲ କରି ଏହାକୁ ହଜ୍ ଯାତ୍ରୀଙ୍କ ପାଇଁ ସୁଯୋଗ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

### ରାଜ୍ୟ ସରକାର ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ନକରିବା ପ୍ରସଙ୍ଗ

## ରାଜନୀତି ପାଇଁ ଯୋଗକୁ ଭୟ: ବିଜେପି

**କଂସକୁ ଯେଉଁ ଭଳି କୃଷ୍ଣ ଭୟ ଘାରିଥିଲା, ଆଜି ସେହିଭଳି ରାଜ୍ୟ ସରକାରଙ୍କୁ ମୋଦି ଭୟ ଘାରିଛି**

ଭୁବନେଶ୍ୱର, ୨୧/୬ (ଶ୍ରୁମି) ଜୁନ୍ ୨୧କୁ ସାରା ବିଶ୍ୱ ଯୋଗ ଦିବସ ରୂପେ ପାଳନ କରୁଥିବା ବେଳେ ରାଜ୍ୟ ସରକାର ଏହାକୁ ପାଳନ ନକରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ହୀନ ମାନସିକତାର ଲକ୍ଷଣ ବୋଲି ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଯୋଗ ଅଭ୍ୟାସ ଶରୀର ଏବଂ ମନ, ବିଚାର ଏବଂ କର୍ମ, ଆତ୍ମସଂଯମ, ପୂର୍ଣ୍ଣତାର ଏକାତ୍ମତା ତଥା ମାନବ ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ସ୍ଥାପନ କରିଥାଏ । ରାଜ୍ୟରେ କ୍ରମାଗତ ନାରୀ ନିର୍ଯ୍ୟାତନା ବୃଦ୍ଧି ଚିନ୍ତାର କାରଣ ସାଜିଥିବାବେଳେ ନାବାଳିକା ଦୁଷ୍କର୍ମ, ହତ୍ୟା, ଚୋରୀ, ଡକାୟତି, ଲୁଣ୍ଠନ ଭଳି ଅମାନୁଷିକ କାର୍ଯ୍ୟକଳାପକୁ ଯୋଗ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ, ଏକ ଅନ୍ୟ ପ୍ରକାରେ ଏହି ସମ୍ଭାବନାର ଦିଗକୁ ରାଜ୍ୟ ସରକାର ରାଜନୀତି ଭୟରେ ପାଳନ ନକରିବା ତଥା ସରକାରଙ୍କ ଏଥିପ୍ରତି ନରୁତ୍ସାହ ପ୍ରଦର୍ଶନ ସାଧାରଣରେ ବିସ୍ମିତ କରିଛି । ବହୁଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଯୋଗକୁ ଜନତାଙ୍କ ମଧ୍ୟରେ ଆହୁରି ଆଦୃତ କରାଇ ପାରିଲେ ସାଧାରଣ ରାଜ୍ୟବାସୀ ଅଧିକ ଉପକୃତ ହୋଇପାରିବେ । ଏ ସବୁ ଜାଣିବା ସତ୍ତ୍ୱେ ରାଜ୍ୟ ସରକାର ଯୋଗ ଦିବସ ପାଳନ ନକରିବା, ଯୋଗକୁ ପ୍ରେତ୍ସାହନ ନଦେବା ଅତ୍ୟନ୍ତ ନୀନ୍ଦନିୟ ଏବଂ ଅପରିପକ୍ୱତାର ପରିଚୟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

କଂସକୁ ଯେଉଁ ଭଳି କୃଷ୍ଣ ଭୟ ଘାରିଥିଲା, ଆଜି ସେହିଭଳି ରାଜ୍ୟ ସରକାରଙ୍କୁ ମୋଦି ଭୟ ଘାରିଛି । ଏପରିକି ଯୋଗରେ ମଧ 'ରାଜନୀତିର ଭୟ' ପରିଲକ୍ଷିତ ହୋଇଛି । ରାଜ୍ୟ ସରକାରରଏହି ଭୟ କାରଣରୁ ଆଜି ରାଜ୍ୟରେ ଯୋଗର ପ୍ରଚାର ଓ ପ୍ରସାର ନକରି ଚୁପ୍ ହୋଇ ବସିରହିଛନ୍ତି । ମୋଦି ସରକାରରଙ୍କ ଭୟ କାରଣରୁ ଯୋଗକୁ ମଧ ରାଜନୀତି ଭିତରେ ଟାଣି ଆଣିବାକୁ ରାଜ୍ୟ ସରକାର ପଛାଇ ନାହାନ୍ତି । ରାଜ୍ୟ ସରକାରଙ୍କ ଏଭଳି ସଂକୀର୍ଣ୍ଣ ମନୋଭାବ କାରଣରୁ ରାଜ୍ୟବାସୀଙ୍କ ମାନସିକ ଏବଂ ଆତ୍ମିକ ପ୍ରଗତିରେ ଏହା ପ୍ରତିବନ୍ଧକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## କିଟ୍ ଓ କିସ୍‌ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ



ଭୁବନେଶ୍ୱର, ୨୧।୬: (ଶ୍ରୁ.ମି) - କିଟ୍ ଓ କିସ୍ ପକ୍ଷରୁ ଗୁରୁବାର ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସକାଳ ୬ଟା ୪୫ ମିନିଟ୍‌ରେ କିଟ୍, କିସ୍ ଓ କିମ୍‌ସର ୪ ହଜାର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ କିଟ୍ ଷ୍ଟାଡିଅମ୍‌ରେ ଏକାଠି ହୋଇଥିଲେ । ସମଗ୍ର ଭାରତର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ କରାଯାଉଥିବା ବେଳେ କିଟ୍ ଓ କିସ୍‌ରେ ମଧ ଯୋଗ ଦିବସ ପାଳନ କରାଯିବା ସହ ଯୋଗାଭ୍ୟାସ କରାଯାଇଥିଲା । କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ସମ୍ପାଦକ ଆର.ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ସମେତ ସମସ୍ତ ସ୍କୁଲ୍ ଓ ବିଭାଗୀୟ ଡିନ୍ ଓ ନିର୍ଦ୍ଦେଶକମାନେ ମଧ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ଯୋଗ ପ୍ରଶିକ୍ଷିକା ଡ. ବିଶ୍ୱବନ୍ଦିତା କର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଜାତିସଂଘ ପକ୍ଷରୁ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ଘୋଷଣା କରାଯାଇଛି ।

### ଧର୍ମ ଜାଗରଣ ତରଫରୁ ଯୋଗ ଦିବସ ପାଳନ

କଟକ, ୨୧/୬ (ଶ୍ରୁମି) ଧର୍ମ ଜାଗରଣ ସମନ୍ୱୟ, କଟକ ଜିଲ୍ଲା ନଗର ତରଫରୁ ଖାନନଗରସ୍ଥ ପାର୍କଠାରେ ମହାନଗର ପ୍ରମୁଖ ମନୋହର ମହନ୍ତଙ୍କ ପୌରହିତରେ 'ଆନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରାଯାଇଅଛି । ୨୦୧୫ ମସିହାରୁ ଭାରତୀୟ ମାନେ ଆଗ୍ରହର ସହ ଯୋଗ ଦିବସ ପାଳନ କରୁଥିବାବେଳେ ଜାତିସଂଘ ଦ୍ୱାରା ଯୋଗକୁ ଭାରତୀୟ ସଂସ୍କୃତି-ଦର୍ଶନର ମାନ୍ୟତା ପାଇ ସାରା ବିଶ୍ୱରେ 'ଆନ୍ତଜାତୀୟ ଯୋଗ ଦିବସ' ରୂପେ ପାଳନ କରାଯାଉଅଛି ବୋଲି ଶ୍ରୀ ମହନ୍ତ ସୂଚନା ଦେଇଥିଲେ । ଧର୍ମ ଜାଗରଣ ସମନ୍ୱୟର ଓଡ଼ିଶା ପୂର୍ବ ପ୍ରାନ୍ତ ସହ ସଂଯୋଜକ ଆଇନଜୀବୀ ଚନ୍ଦ୍ରକାନ୍ତ ପ୍ରଧାନ ଉକ୍ତ ଯୋଗ ଶିବିର ଉଦ୍‌ଘାଟନ କରି ମଣିଷ ଜୀବନରେ ବିଶେଷ କରି ମାନସିକ, ସ୍ୱାସ୍ଥ୍ୟ, ଶାରୀରିକ, ମନ, ଦୀର୍ଘାୟୁ, କର୍ମଠ, ସୁସ୍ଥ ସବଳତା ଉପରେ ଯୋଗ ଅଭ୍ୟାସର ପ୍ରଭାବ ନିହିତ ରହିଛିବୋଲି କହିଥିଲେ । ଯୋଗ ଗୁରୁ ତଥା ଧର୍ମ ଜାଗରଣ ସମନ୍ୱୟର ନଗର ପ୍ରଶାସନିକ ପ୍ରମୁଖ ସାର୍ଥକ ନାୟକ ଯୋଗ ଶିକ୍ଷା ଏବଂ ଅଭ୍ୟାସ କରାଇଥିଲେ ।

### ପଞ୍ଚାୟତିରାଜ ବିଭାଗର ପଞ୍ଚତାରକା ହୋଟେଲରେ ସରକାରୀ କାମର ସମୀକ୍ଷା

## ଓଡିଶାବାସୀଙ୍କ ଟିକସରେ ବିଜେଡି ଇଲେକସନ ପ୍ରଚାର ପାଇଁ ଷଡଯନ୍ତ୍ର : ବିଜେପି

ଭୁବନେଶ୍ୱର ୨୧/୬(ଶ୍ରୁମି) ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ଭୁବନେଶ୍ୱର ଠାରେ ପଞ୍ଚତାରକା ହୋଟେଲରେ ଆୟୋଜିତ ରୁଦ୍ଧଦ୍ୱାର କର୍ମଶାଳାକୁ ନେଇ ପ୍ରଶ୍ନ ଉଠାଇଛି ଭାରତୀୟ ଜନତାପାର୍ଟି । ବିଭାଗୀୟ କର୍ମଶାଳାରେ ସବୁ ଜିଲାର ପିଡ ଡିଆରଡିଏ ଓ ବିଡିଓ ମାନେ ୨୦-୨୧ ଦୁଇଦିନ ଧରି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତ । ମାତ୍ର ଏହି ସମୀକ୍ଷା କାଯ୍ୟକ୍ରମରରୁ ଜାଣିଶୁଣି ଗଣମାଧ୍ୟମକୁ ଦୂରରେ ରଖାଯାଇଛି । କିଛି ମୁଷ୍ଟିମେୟ ଅମଲା ଏହି ସମୀକ୍ଷା ବୈଠକ ଆଳରେ ଓଡିଶାର ଗ୍ରାମାଞ୍ଚଳରେ ବିଜେଡିର ଇଲେକସନ ପରିଚାଳନା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ବିଜେପି ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ସାମ୍ବାଧାନିକ ବିଧି ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ହେଉଛନ୍ତି ବିଧାନସଭା ଓ ରାଜ୍ୟ ସାମ୍ନାରେ ଉତର ଦାୟୀ । ମୁଖ୍ୟମନ୍ତ୍ରୀ ଏହି ବୈଠକ ନେଇ ଅବଗତ ଅଛନ୍ତି କି ନାହିଁ ଜଣା ନାହିଁ । ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଦୂରରେ ରଖି ଅଫିସରମାନେ ଗୁପ୍ତ ବୈଠକ କରିବାର ବୈଧତାକୁ ନେଇ ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି । ସମଗ୍ର ରାଜ୍ୟ ଯେତେବେଳେ ଡହଡହ ଖରାରେ ଡହଳବିକଳ ହେଉଛି, ଚାଷୀମାନେ ଗଜା ମରୁଡି ନେଇ ଭୟଭୀତ, ପିଇବାପାଣି ମିଳୁନି ସେତେବେଳେ ଜିଲାର ପ୍ରକଳ୍ପ ନିର୍ଦ୍ଦେଶକ ଓ ୩୧୪ ବ୍ଲକର ବିଡିଓ ମାନଙ୍କୁ ଭୁବନେଶ୍ୱରର ପଂଚତାରକା ହୋଟେଲର ଶୀତତାପ ନିୟନ୍ତ୍ରିତ ଗୃହରେ କଣ ପାଇଁ ସଭା କରାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି ।

ଶ୍ରୀ ଆଚାଯ୍ୟ କହିଛନ୍ତି ଯଦି ରାଜ୍ୟବାସୀଙ୍କ ବିଷୟରେ ଚିନ୍ତା କରାଯାଉଛି ତାହାହେଲେ ଗଣମାଧ୍ୟମକୁ ଜାଣିଶୁଣି ଦୂରରେ ରଖାଯାଇଛି କାହିଁକି ? ବୈଠକରେ କଣ ହେଲା ଅଧିକୃତ ଭାବେ ଅଫିସର ମାନେ ଗଣମାଧ୍ୟମ ସହିତ ସିଧାକଥା ହେବାକୁ କାହିଁକି ପଛଘୁଞ୍ଚା ଦେଲେ ବୋଲି ଶ୍ରୀ ଆଚାର୍ଯ୍ୟ କଟୁ ସମାଲୋଚନା କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଅଫିସରମାନେ ହେଲେ ପବ୍ଲିକ ସରଭ୍ୟାଂଟ । ସେମାନଙ୍କର କୌଣସି କାମ ଓ ନିର୍ଣ୍ଣୟ ଗୁପ୍ତ ରଖାଯାଇ ପାରିବ ନାହିଁ । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯେଉଁ ଅଧିକାରୀ ସରକାର ସମେତ ଶାସକ ବିଜେଡିର କାମ ହାତକୁ ନେଇଛନ୍ତି ତାଙ୍କ ଯୋଜନାରେ ଆଗାମୀ ନିର୍ବାଚନରେ ଶାସକ ଦଳ ପାଇଁ କାମ କରିବା ଲାଗି ଏହି ଗୁପ୍ ବୈଠକ ଆୟୋଜନ କରାଯାଇଛି ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟ ସଚିବାଳୟରେ ସମୀକ୍ଷା କରିବା ପାଇଁ ସବୁ ପ୍ରକାର ସୁବିଧା ଥିବାବେଳେ ଏହି ବୈଠକକୁ ଦୃଷ୍ଟିଆଳରେ ରଖିବା ପାଇଁ ଏକ ପଂଚତାରକା ହୋଟେଲରେ ଆୟୋଜନ କରାଯାଇଛି । ଓଡିଆ ଟିକସଦାତାଙ୍କ କର ଖଜଣା ଅର୍ଥକୁ ପଂଚତାରାକା ହୋଟେଲରେ ମିଟିଂରେ ଖର୍ଚ୍ଚ କରି ଓଡିଆ ଲୋକଙ୍କ ବିକାଶ ନୁହେଁ ବରଂ ବିଜେଡିର ରାଜନୈତିକ ଲାଭପାଇଁ ସରକାରୀ କର୍ମଚାରୀ ମାନଙ୍କୁ କାମରେ ଲଗାଇବା ଭାରତୀୟ ସମ୍ବିଧାନ ବିଧି ବ୍ୟବସ୍ଥାର ପରିପନ୍ଥୀ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

କଥା କଥାରେ ଗଣମାଧମରେ ବିବୃତ୍ତି ଦେଉଥିବା ଶାସକ ବିଜେଡି ଏବଂ ସରକାରୀ ଅମଲାମାନେ ସାଧାରଣ ରାଜ୍ୟବାସୀଙ୍କୁ ଏହି ବୈଠକ ସଂପର୍କରେ କାହିଁକି ଅବଗତ କରାଇଲେ ନାହିଁ ଏବଂ ଲୁଚାଇ ରଖିଲେ ତାହା ସ୍ପଷ୍ଟ କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପଚରା ଯାଇଥିବା ସମସ୍ତ ପ୍ରଶ୍ନର ଉତର ଦେବା ସହ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଶ୍ରୀ ଆଚାର୍ଯ୍ୟ ଆହ୍ୱାନ ଜଣାଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି ମଧ ଉପସ୍ଥିତ ଥିଲେ ।

## ଏବିଭିପି ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ

## ଲୋକମାନଙ୍କୁ ନିରୋଗ ରହିବା ଓ ସ୍ୱଚ୍ଛତା ପାଇଁ ସଚେତନତା କରାଯାଇଲେ ବିଦ୍ୟାର୍ଥୀ

ଭୁବନେଶ୍ୱର, ୨୧/୬ (ଶ୍ରୁମି) ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭୁବନେଶ୍ୱର ମହାନଗର ଶାଖା ତରଫରୁ ଭୁବନେଶ୍ୱର ରେଲଓ୍ୱେ ଷ୍ଟେସନଠାରେ ପାଳନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ରେଲଓ୍ୱେ ଷ୍ଟେସନର ନିର୍ଦ୍ଦେଶକ ଚିରଂଜନ ନାୟକ, ଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ । ଯୋଗ ଶିକ୍ଷକ ଶଶିକାନ୍ତ ମିଶ୍ର ଯୋଗର ମାହାତ୍ମ୍ୟ ଓ ଉପକାରିତା ଉପରେ କହିଥିଲେ ଏବଂ ଯୋଗ, ପ୍ରାଣାୟାମ, ଯୋଗାସନର ଅଭ୍ୟାସ କରାଇଥିଲେ । ଶ୍ରୀଯୁକ୍ତ ନାୟକ




କହିଥିଲେ ଯେ, ଯୋଗ ଦ୍ୱାରା ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶ ହୋଇଥାଏ ଓ ନିଜ ଶରୀର ମଜବୁତ ହୋଇଥାଏ । ତେଣୁ ସୁସ୍ଥ ସବଳ ମଣିଷ ସମାଜ ଗଠନ ପାଇଁ ଲୋକମାନଙ୍କୁ ଯୋଗ କରିବାଲାଗି ସଚେତନତା ସୃଷ୍ଟି କରାଇବାର ଆବଶ୍ୟକତା ରହିଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ରେଳ ଷ୍ଟେସନରେ ପରିକ୍ରମା କରାଯାଇଥିଲା ଏବଂ ଯୋଗ କରନ୍ତୁ-ନିରୋଗ ରୁହନ୍ତୁ, ଅଳିଆ ଏଣେତେଣେ ନପକାଇ ଡ଼ଷ୍ଟବିନ୍‌ରେ ପକାନ୍ତୁ, ପ୍ଲାଷ୍ଟିକ୍ ବ୍ୟବହାର କରନ୍ତୁ ନାହିଁ, ସ୍ୱଚ୍ଛତା ରଖନ୍ତୁ ଆଦି ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନତା କରାଯାଇଥିଲା । ଏଥିରେ ଏବିଭିପିର ଓଡ଼ିଶା ପ୍ରଦେଶର ପ୍ରାନ୍ତ ସଂଗଠନ ସମ୍ପାଦକ ତନ୍ମୟ ଦାଶ, ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ମଲ୍ଲିକ, ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା, ମହାନଗର ସମ୍ପାଦକ ସଂଜୟ ମଲ୍ଲିକ, ରୋହିତ କୁମୁରା, ପ୍ରଦ୍ୟୁମ୍ନ ନାୟକ, ପିଣ୍ଟୁ ନାୟକ, ଆଲୋକ ନାୟକ, ସଙ୍ଗୀତା ସାହୁ, ସଂଧ୍ୟାରାଣୀ ପ୍ରଧାନ, ପ୍ରଶାନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଭିଯୁକ୍ତ ଗିରଫ ; ଚୋରି କାର୍ ଉଦ୍ଧାର

କଟକ, ୨୧/୬ (ଶ୍ରୁମି) ଜାତୀୟ ରାଜପଥରୁ କାର, ମଟରସାଇକେଲ ଆଦି ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ସଦର ଥାନା ପୋଲିସ ଠାବ କରିବାରେ ସଫଳ ହୋଇଛି । ରାଜପଥରୁ ଲୁଟ ହୋଇଥିବା ଏକ ମହିନ୍ଦ୍ରା ଭେରେଟୋ କାର (ଓଡି-୦୫-ପି-୨୦୧୩) ଏବଂ ଏକ ସାମସଙ୍ଗ୍ ମୋବାଇଲକୁ ଜବତ କରିବା ସହ ଏଥିରେ ସଂପୃକ୍ତ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଗତପୁର ଥାନା ଅନ୍ତର୍ଗତ ତରୋଳର ସୁବାସ ବିଶ୍ୱାଳ(୩୮) । ଡିସିପି ଅଖିଳେଶ୍ୱର ସିଂହଙ୍କ ସୁଚନା ଅନୁଯାୟୀ, ଗତ ୩୦ ତାରିଖ ବିଳମ୍ବିତ ରାତି ପ୍ରାୟ ୧.୩୦ମିନିଟରେ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗାର ସତ୍ୟବ୍ରତ ପଲାଇ କେନ୍ଦ୍ରାପଡାରୁ ତାଙ୍କ ଭେରେଟୋ କାର (ଓଡି-୦୫-ପି-୨୦୧୩)ରେ ଘରକୁ ଫେରୁଥିବା ବେଳେ ୧୬ ନଂ ଜାତୀୟ ରାଜପଥ ବକୁଦ ନିକଟରେ ଚାରି ଜଣ ଅଜଣା ଯୁବକ ଏକ ଧଳା ସ୍କର୍ପିଓରେ ଆସି ତାଙ୍କୁ ଅଟକାଇ ଥିଲେ । ଅଭିଯୁକ୍ତମାନେ ତାଙ୍କୁ ମାଡ ମାରି ତାଙ୍କ କାର ଓ ମୋବାଇଲ ଫୋନ ନେଇ ପଳାଇଥିଲେ । ଶ୍ରୀ ପଲାଇଙ୍କ ଅଭିଯୋଗ ଆଧାରରେ ୨୦୫/୩୧-୫-୨୦୧୮ ନମ୍ବର ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଏହି ଘଟଣାରେ ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ବେଳେ ସୁବାଷକୁ କୋର୍ଟ ଚାଲାଣ କରାଯାଇଛି ।

## କପିଳମୁନି ସ୍କୁଲର ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ

କଟକ, ୨୧/୬ (ଶ୍ରୁମି) ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ଅଞ୍ଚଳର କପିଳମୁନି ସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରକୁଳା ସ୍କୁଲ ପରିସରରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ୧୯୯୧ ବ୍ୟାଚର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବା ସହିତ ସେହି ସ୍କୁଲର ଶିକ୍ଷ/ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ବ୍ୟାଚ୍ ର ଛାତ୍ରଛାତ୍ରୀମାନେ ଏବେ ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଆସୁଥିବା ବେଳେ ସେମାନଙ୍କ ସଫଳତା କ୍ଷେତ୍ରରେ ସ୍କୁଲ ଏକ ମାଇଲ ଖୁଂଟ ଭାବେ ରହିଛି ବୋଲି ସଂସଦ ପକ୍ଷରୁ ମତବ୍ୟକ୍ତ କରାଯାଇଥିଲା । ବମାନର ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ରାଉତ, କ୍ଷେତ୍ରବାସୀ ପାଣି, ରମାକାନ୍ତ ଜେନା, ହରିହର ମିଶ୍ର, ପ୍ରସନ୍ନ ପରିଡା ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୟୁଥ୍ ରେଡକ୍ରସ୍ ଆନୁକୁଲ୍ୟରେ ବିଶ୍ୱ ଯୋଗ ଦିବସ ପାଳିତ

କଟକ, ୨୧/୬ (ଶ୍ରୁମି) ୪୨ମୌଜା ସୁଦର୍ଶନ ମହାବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସ୍ ଆନୁକୁଲ୍ୟରେ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଅଛି । ଉକ୍ତ ଶିବିରକୁ ଅଧ୍ୟକ୍ଷ ଡଃ ରବିନ୍ଦ୍ରନାଥ ପରିଡା ଉଦ୍‌ଘାଟନ କରିଥିବା ବେଳେ ୟୁଥ୍ ରେଡ୍‌କ୍ରସ୍ କାଉନ୍‌ସିଲର୍ ଅଧ୍ୟାପକ ଡଃ ସେକ୍ କଲିମୁଲ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ପ୍ରଶିକ୍ଷଣ ଦେଇଥିଲେ । ୟୁଥ୍ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନଙ୍କ ସହ ଅନ୍ୟ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଆଇଏନଓ ପକ୍ଷରୁ ଯୋଗ ଦିବସ ପାଳିତ

କଟକ, ୨୧/୬ (ଶ୍ରୁମି) ନୂଆଦିଲ୍ଲୀସ୍ଥିତ ଆନ୍ତର୍ଜାତିକ ପ୍ରାକୃତିକ ସଂଗଠନ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସହଯୋଗରେ ଦେଶବ୍ୟାପି ବିଶ୍ୱ ଯୋଗ ଦିବସ ପାଳନ କରାଯାଉଥିବା ବେଳେ ଏହାର କଟକ ଜିଲ୍ଲା ସଂଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି । ରାଜ୍ୟ ଆବାହକ ସତ୍ୟରଂଜନ ଜେନାଙ୍କ ପରିଚାଳନାରେ ସ୍ଥାନୀୟ ୬ଷ୍ଠ ବାଟାଲିୟନ, ପତଳି କିଶାନ ସେବା ସମିତି, ଭାରତ ସ୍ୱାଭିମାନ ଟ୍ରଷ୍ଟ, ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନ, ବଡ ମେଡିକାଲ କ୍ରିକେଟ ପଡିଆ, ମଙ୍ଗଳାବାଗ କାଠଗୋଲା ସାହି, ନଦୀକୂଳ ବସ୍ତିରେ ଯୋଗ ମହୋତ୍ସବ ସମିତି କାର୍ଯ୍ୟକ୍ରମରେ ପ୍ରାକୃତିକ ଚିକିତ୍ସା ଓ ଯୋଗ ଅଙ୍ଗାଅଙ୍ଗୀ ଭାବେ ଜଡିତ, ଦିନ ଚର୍ଯ୍ୟା ଓ ଋତୁଚର୍ଯ୍ୟା ପାଳନ ଦ୍ୱାରା ସମସ୍ତେ ଦୀର୍ଘ ରୋଗ ଜୀବନ ନିର୍ବାହ କରି ପାରିବେ ବୋଲି ଯୋଗାଭ୍ୟାସକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ।

## ସୁନାଦୂବ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

କଟକ, ୨୧/୬ (ଶ୍ରୁମି) ସାମାଜିକ ଅନୁଷ୍ଠାନ ସୁନାଦୂବ ପକ୍ଷରୁ ସ୍ଥାନୀୟ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀର ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଚକ୍ର ଯୋଗ ଅନୁଷ୍ଠାନର ଯୋଗ ଗୁରୁ ସାଗରିକା ଜେନାଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ଶିବିରର ଆୟୋଜନ କରାଯାଇ ୩୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ସମେତ ବଙ୍ଗାଳି ସାହି ବରିଷ୍ଠ ନାଗରିକ ସଂଘର କଲ୍ୟାଣ କୁମାର ଦତ, ଅଭିମନ୍ୟୁ ସାହୁ, ରାମକୃଷ୍ଣ କୁଟୀରର ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଏବଂ ଅନୁଷ୍ଠାନର ସଭ୍ୟ ସଭ୍ୟାମାନଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା । ଅନୁଷ୍ଠାନର ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ ମହିଳା କମିଶନ ଅଧ୍ୟକ୍ଷା ନମିତା ପଣ୍ଡା, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଣ୍ଟରନ୍ୟାସନାଲ ହ୍ୟୁମାନ୍ ରାଇଟ୍‌ସ୍ କାଉନ୍‌ସିଲ୍‌ର ରାଜ୍ୟ ସମ୍ପାଦକ ପ୍ରଣବ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ଓ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋବାଇଲ ଫୋନ୍ ଫାଟି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସିଇଓ ମୃତ

ନୂଆଦିଲ୍ଲୀ, ୨୧/୬(ଏଜେନ୍ସି) : ମୋବାଇଲ ଫୋନ୍ ଚାର୍ଜ ହେଉଥିବାବେଳେ ବିସ୍ଫୋରଣ ଘଟି ଜଣେ ନାଜ୍‌ରିନ୍ ହାସନ୍ ନାମକ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ ଘଟିଛି । ମାଲେସିଆ ଅର୍ଥ ମନ୍ତ୍ରଣାଳୟ ଅଧିନରେ ପରିଚାଳିତ କ୍ରେଡଲ ଫଣ୍ଡ ନାମକ ଏହି ସଂସ୍ଥାରେ ହାସନ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଭାବରେ କାର୍ଯ୍ୟାରତ ଥିଲେ । ପରିବାର ଲୋକଙ୍କ କହିବା ଅନୁଯାୟୀ ହାସନ୍ ବ୍ଲାକବେରି ଓ ହୁଏଇ କମ୍ପାନୀର ମୋବାଇଲ ଫୋନ୍ ବ୍ୟବହାର କରୁଥିଲେ । ଦୁଇଟି ଯାକ ଫୋନ୍‌କୁ ଶୋଇବା ଘରେ ଚାର୍ଜ କରୁଥିଲେ । ଏହି ସମୟରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ସେଠାରେ ସବୁ ଆସବାବପତ୍ର ନଷ୍ଟ ହୋଇଯାଇଛି । ତେଣୁ କେଉଁ ଫୋନ୍‌ରେ ବିସ୍ଫୋଣ ଘଟିଲା ତାହା ଜଣାପଡିନାହିଁ । ଫୋନ୍ ବିସ୍ଫୋରଣ ହେବା ପରେ ତାହାର ଏକ ଟୁକୁଡା ହାସନଙ୍କ ମୁଣ୍ଡ ପଛପଟେ ଖୁବ୍ ଜୋରରେ ବାଜିଥିଲା । ଘଟଣାସ୍ଥଳରେ ହିଁ ହାସନଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ସାରା କୋଠରୀରେ ନିଆଁ ବ୍ୟାପୀ ଯାଇଥିଲା । ପୋଲିସର କହିବା ଅନୁସାରେ ଫୋନ୍ ବିସ୍ଫୋରଣ ଯୋଗୁଁ କୋଠରୀଟି ଧୂଆଁରେ ଭର୍ତ୍ତି ହୋଇଯାଇଥିଲା । ସେଥିରେ ଅଣନିଶ୍ୱାସୀ ହୋଇ ହାସନ୍‌ଙ୍କ ମୃତ୍ୟୁ ଘଟିଥାଇପାରେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ହାସନ୍ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ ।